# Akashvani, Sambalpur

## SAMBALPURI NEWS BULLETIN

### 8 October 2024- 6.47- 6.52 am.

**************************************************

ନିଯୁକ୍ତି ମେଳା- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ହଲ୍ ନ ଆଏଜ୍ ନିଯୁକ୍ତି ମେଳା ହେବା । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଁକରି ବଛାଯାଇଥିବା ୨ ଶହ ୮୪ ଜନ୍ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ଦେବେ । ଇ ପ୍ରାର୍ଥୀମାନେ ରାଜ୍ୟ ସର୍‌କାର୍‌ଙ୍କର୍ ଶକ୍ତି ବିଭାଗ୍, ସ୍ୱାସ୍ଥ୍ୟ ଆର୍ ପରିବାର କଲ୍ୟାଣ୍ ବିଭାଗ୍ ଆର୍ ଓଡ଼ିଶା ଖଣି ନିଗମ୍ ନ କାମ୍ କର୍‌ବେ ।

ସୁଭଦ୍ରା- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ସବୁ ଯୋଗ୍ୟ ହିତାଧିକାରୀମାନ୍‌କୁ ଆଏବା ଡିସେମ୍ବର୍ ମାସ୍‌ତକ୍ ସୁଭଦ୍ରା ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷ୍‌ନା କରିଛନ୍ । ନିମାପଡ଼ା ନ ଗୁଟେ

କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍ ଯେ, ଗଲାକାଏଲ୍ ସଞ୍ଜ୍‌ବେଲ୍‌ତକ୍ ୧ କୋଟି ୨୦ ହଜାର୍ ମହିଳା ହିତାଧିକାରୀ ପଞ୍ଜିକରଣ୍ କରିଛନ୍ । ଆଏବା କାଏଲ୍ ଗୋପବନ୍ଧୁ ଜୟନ୍ତୀ ଦିନ ମୁଖ୍ୟମନ୍ତ୍ରୀ ବାରିପଦା ଠାନେ ୩୫ ଲାଖ୍ ନୁ ଅଏତ୍‌କା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୨ ନମ୍ବର୍ ଖେପ୍ ଟଙ୍କାଦେବେ । ଇତାର୍‌ଛଡ଼ା ସେଦିନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନ୍‌କର୍ ଋଣ ଛାଡ଼୍ କର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଏନ୍‌ସିଇଆର୍‌ଟି ବହି -ଆମାଜନ୍

ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ଅଧୀନ୍‌ଥି ଥିବା ଏନ୍‌ସିଇଆର୍‌ଟି ବହି ଏଛେନ୍ ଇ-କମର୍ସ ଆମାଜନ୍ ପ୍ଲାଟ୍‌ଫର୍ମଥି ମିଲ୍‌ବା । ଛାତ୍ରଛାତ୍ରୀମାନେ ଇ ଫ୍ଲାଟ୍‌ଫର୍ମନୁ ଘର୍‌କେ ବହି ମଗେଇପାର୍‌ବେ । ସାରା ଦେଶେ ୨୦ ହଜାର୍ ପିନ୍‌କୋଡ଼୍ ଠିକ୍‌ନାଥି ଏମ୍‌ଆର୍‌ପି ଦାମ୍‌ଥି ଇ ବହି ମିଲ୍‌ବା । ଇଥିର୍‌ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଉପସ୍ଥିତିଥି ଏନ୍‌ସିଇଆର୍‌ଟି ଆର୍ ଆମାଜନ୍ ଭିତ୍‌ରେ ଗଲାକାଏଲ୍ ଚୁକ୍ତି

ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଇ ପଦକ୍ଷେପ୍ ଲାଗି ସମ୍‌କର୍ ପାଖେ ଶିକ୍ଷା ପୁହୁଁଚିପାର୍‌ବାର୍ ସହେତେ ଜାତୀୟ ଶିକ୍ଷାନୀତିର ଭିଜନ୍‌କେ ଇଟା ବର୍‌କସ୍ କର୍‌ବା ।

ଜଳବିଦ୍ୟୁତ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା ଦିନେ ଅଏତ୍‌କାନୁ ଅଏତ୍‌କା ଜଳବିଦ୍ୟୁତ୍ ଉତ୍ପାଦନ୍ କର୍‌ବାର୍‌କେ ପଦକ୍ଷେପ୍ ନିଆଯିବା । ଖାସ୍ କରି କଲାହାଣ୍ଡି ଆର୍ ମାଲ୍‌କାନ୍‌ଗିରି ନ ଜଳବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପକେ ସଫଲ୍ କାର୍ଯ୍ୟକାରୀ କର୍‌ବାର୍‌କେ ସର୍‌କାର୍ ନିଷ୍ପତି ନେଇଛନ୍ । ଇ ବାବ୍‌ଦେ  ଓଏଚ୍‌ପିସି ଅଧିକାରୀଙ୍କର୍ ସାଙ୍ଗେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ଆଲୋଚନା କରିଛନ୍ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ଯେ, ତାପଜ ବିଦ୍ୟୁତ୍ ଜରିଏ ପରିବେଶ ଦୂଷିତ ହେଉଥିବାର୍‌ନୁ ଆଏବା ଦିନେ ଜଳ, ବାୟୁ ଆର୍ ସୌର ବିଦ୍ୟୁତ୍ ପ୍ରକଳ୍ପ ଉପ୍‌ରେ ଧ୍ୟାନ୍ ଦିଆଯିବା ।

ବୋନ୍‌ବେଙ୍କ୍          ଆର୍‌ଏନ୍‌ୟୁ /ସମ୍ବଲପୁର

କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ଆର୍ ହସ୍ପିଟାଲ୍ ନ ବୋନ୍ ବେଙ୍କକେ ଆଏଜ୍ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ଉଦ୍‌ଘାଟନ୍ କର୍‌ବେ । ଇ ବୋନ୍ ବେଙ୍କ୍ ପୂର୍ବଭାରତ୍‌ର ଆର୍ ଉତର୍ ପୂର୍ବ ରାଜ୍ୟମାନ୍‌କେ ଥିବା ମେଡ଼ିକାଲ୍ କଲେଜ୍ ଭିତ୍‌ରେ ପହେଲା ବେଙ୍କ୍ ଆଏ । ଇ ବୋନ୍‌ବେଙ୍କ୍ ନ ଏସ୍‌ସିବିର ଭିନ୍ ଭିନ୍ ଅସ୍ଥିଶଲ୍ୟ ଜନିତ ରୋଗୀ ଆର୍ ଦୁର୍ଘଟଣାଗ୍ରସ୍ତଙ୍କର୍ ଶରୀର୍‌ଥି ନଷ୍ଟ ହେଇଯାଉଥିବା ହାଡ଼୍‌କେ ଫେର୍ ତିଆର୍ କର୍‌ବାର୍‌ଥି ସାହାଜ୍ ହେବା । ଇତାର୍‌ସହେତେ ଭାଙ୍ଗିଯାଇଥିବା ହାଡ଼୍‌କେ ନାଇଁ ଫିକିକରି ରୋଗୀଙ୍କର୍ ସେବାଥି ଲାଗ୍‌ବା ବଲି କୁହାଯାଇଛେ ।

ଜଲ୍‌ଭଣ୍ଡାର୍ ଫାଟ୍‌କ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜଲ୍‌ଭଣ୍ଡାର୍ ମାନ୍‌କେ ଅଯଥା ପାଏନ୍ ପଲଉଥିବାର୍‌ନୁ ସେଟାକେ ରଖିକରି ଅଏତ୍‌କା ଜମିଥି ପାଏନ୍ ମଡ଼ାବାର୍‌କେ ଆଉ ପାନୀୟ ଜଲ କ୍ଷମତା ବଢ଼ାବାର୍‌କେ ସର୍‌କାର୍ ଫାଟକ୍ ନାଇଁ ଥିବାର୍ ସବୁ ଡେମ୍ ମାନ୍‌କେ ଫାଟକ୍ ଲଗାବାର୍‌କେ ନିଷ୍ପତି ନେଇଛନ୍ । ଇ ବଛର୍‌ନୁ ଇ କାମ୍ ମୁଲ୍

ହେଇକରି ୨୦୨୬ -୨୭ ତକ୍ ଇଟା ଶେଷ୍ ହେବା । ଇଥିର୍‌ଲାଗି ୩ ବଛର୍‌ଥି ୨ ଶହ ୩୯ କୋଟି ୬୦ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା । ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଗୁଟେ ସଂକଳ୍ପ ପତ୍ର ଜାରି ହେଇଛେ ।

କାର୍ଯ୍ୟନିର୍ବାହୀ ମୁଖ୍ୟ ସୂଚନା ଆୟୁକ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ସୁଶାନ୍ତ କୁମାର୍ ମହାନ୍ତିଙ୍କୁ କାର୍ଯ୍ୟନିର୍ବାହୀ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଦାୟିତ୍ୱ ଦିଆଯାଇଛେ । ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର୍ ତ୍ରିପାଠୀ ଗଲା ୪ ତାରିଖ୍ ଦିନ ଅବସର୍ ନେବାର୍‌ନୁ ରାଜ୍ୟପାଲ୍ ଶ୍ରୀମହାନ୍ତିଙ୍କୁ ଇ ଦାୟିତ୍ୱ ଦେଇଛନ୍ । ନୂଆଁ ମୁଖ୍ୟ ସୂଚନା ଆୟୁକ୍ତ ନିଯୁକ୍ତ ହେବାର୍‌ତକ୍ ବରିଷ୍ଠ ସୂଚନା ଆୟୁକ୍ତ ଭାବେ ଶ୍ରୀ ମହାନ୍ତି ଇ ଦାୟିତ୍ୱଥି ରହେବେ ।

ଫି ହପ୍ତାର୍ ୩ ଦିନ୍ ବସ୍‌ବା କୋର୍ଟ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ରିଜିଓନାଲ୍ ମାମ୍ଲାର୍ ଜଲ୍ଦି ସମାଧାନ୍ ଲାଗି ନିଆଯାଇଥିବା ପଦକ୍ଷେପ୍ ବାବ୍ଦେ ରାଜସ୍ୱ ବିଭାଗ୍ ସଚିବ ଦେଓରଞ୍ଜନ୍ ସିଂ ଗଲାକାଏଲ୍ ହାଇକୋର୍ଟ ନ ଗୁଟେ ସତ୍ୟପାଠ ଦାଖଲ୍ କରିଛନ୍ । ସତ୍ୟପାଠ ଅନ୍ସାରେ ଏତ୍କେ ଫି ହପ୍ତା ନ ରିଭିଜନାଲ୍ କୋର୍ଟ ୩ ଦିନ୍ ବସ୍ବା । ଫି' ଶୁଣାଣିଥି ସବୁନୁ କମ୍ ୫୦ ଟା ମାମ୍ଲା ଶୁଣାଣି ଲାଗି ପଞ୍ଜିକୃତ ହେବା । ରାଏଜେ ୪୦ ଟା ରିଜିଓନାଲ୍ କୋର୍ଟ ନ ଜମି ବାବଦ୍ ମୋଟ୍ ୧ ଲାଖ୍ ୩୧ ହଜାର୍ ୫ ଶହ ୨୬ ଟା ମାମ୍ଲା ବିଚାର୍ଧୀନ୍ ରହିଥିବାର୍ନୁ ହାଇକୋର୍ଟ ଇଟାକେ ନେଇକରି ଉଦ୍ବେଗ ପ୍ରକାଶ୍ କରିଥିଲେ । ଇ ମାମ୍ଲା ସବୁ କେନ୍ତା ଜଲ୍ଦି ଶୁଣାଣି ହେବା । ହାଇକୋର୍ଟ ସେ ବାବ୍ଦେ ରାଜସ୍ୱ ବିଭାଗ୍ ଆଉ ରାଜସ୍ୱ ପରିଷଦ୍କେ  ଜବାବ୍ ତଲବ୍ କରିଥିଲେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍-ଦେବ୍ଗଡ଼୍        ଦେବ୍ଗଡ଼୍ ସମ୍ବାଦଦାତା

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ୍ ନିଗମ୍ ଲିମିଟେଡ୍ - ଓପିଟିସିଏଲ୍ ତର୍ଫୁ ଦେବ୍ଗଡ଼୍ ଗ୍ରୀଡ୍ ସବ୍ଷ୍ଟେସନ୍ ନ ବାର୍ଷିକ ରକ୍ଷଣାବେକ୍ଷଣ କାମ୍ ଲାଗି ଆଏଜ୍ ଭିନ୍ ଭିନ୍ ଜାଗା ନ ବିଜ୍ଲି ଯୋଗାଣ ବନ୍ଦ୍ ରହେବା । ଜିଲ୍ଲାର୍ ରେଙ୍ଗାଲ୍ବେଡ଼ା, ରିଆମାଲ୍,

ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ସଖାଲର୍ ୭ ନୁ ଉପର୍‌ବେଲା ୪ ବଜେତକ୍ ବିଜ୍‌ଲି ଯୋଗାଣ ପ୍ରଭାବିତ୍ ହେବା ।

ସାମୂହିକ ଜଙ୍ଗଲ୍ ଜମି ପଟ୍ଟା          ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ପାଇକମାଲ୍ ତହସିଲ୍‌ର ୧୦ ଟା ଗାଁକେ ଜଙ୍ଗଲ୍ ଅଧିକାର୍ ଅନ୍‌ସାରେ ସାମୂହିକ୍ ପଟ୍ଟା ଦିଆଯାଇଛେ । ପାଇକ୍‌ମାଲ୍ ତହସିଲ୍‌ଦାର୍ ଆର୍ ବିଡ଼ିଓ ହୀରାପୁର୍, ବୋଡ଼ାସମ୍ବର୍, ମାଁଡ଼ିଆଢିପା, ଛେତ୍‌ଗାଁ, ହର୍‌ଡ଼ାଟାଲ୍, କୁଆପାଲି, କୁଟ୍‌ରାମାଲ୍, ରଣ୍‌ଜିତ୍‌ପୁର୍ ଆର୍ ପରସ୍‌ଖଁଡ଼ି ଗାଁର୍ ଲୁକ୍‌କୁ ସାମୂହିକ ଜଙ୍ଗଲ୍ ଜମି ପଟ୍ଟା ଦେଇଛନ୍ । ଇ ଜଙ୍ଗଲ୍ ଜମିର୍ ବିକାଶ୍ ସହେତେ ସାମୂହିକ ବେଭାର୍ ଲାଗି ଯୋଜ୍‌ନା ପ୍ରସ୍ତୁତ୍ କରାଯିବା । ଜିଲ୍ଲାର୍ ପଦମ୍‌ପୁର୍ ତହସିଲ୍ ଅଧୀନ୍‌ଥି ଥିବା ଜିଲ୍ଲାର୍ ୧୧ ଟା ଗାଁକେ ଭିଲ୍ ଗୋଷ୍ଠୀଗତ ଜଙ୍ଗଲ୍ ଜମି ପଟ୍ଟା ଦିଆଯାଇଛେ ।